ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ମାର୍ଚ୍ଚ ୨୦୨୩



## ସଂକ୍ଷେପରେ

### ଇନ୍ଦିପୁରରେ ବାଦୀପାଲା

**ଢେଙ୍କାନାଳ ଅଫିସ, ୯।୩:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ଦୋଳ ଯାତ୍ରା ଉପଲକ୍ଷେ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଗାୟକ ପୁରୀ ଜିଲାର ପ୍ରଦ୍ୟୁମ୍ନ କୁମାର ନନ୍ଦ ଏବଂ ଭୁବନେଶ୍ୱରର ଦିଲୀପ କୁମାର ଚମ୍ପତି ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୋଳ ବିମାନରେ ରାଧାକୃଷ୍ଣ ଘରଘର ବୁଲି ଭୋଗ ଗ୍ରହଣ କରିଥିଲେ। ଗୋପାଳ ସମାଜର ଲଉଡ଼ିବାଡ଼ି ଖେଳରେ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। କମିଟି ପକ୍ଷରୁ ବିଭୂତି ଭୂଷଣ ନାୟକ, ଦୁର୍ଯ୍ୟୋଧନ ଜେନା, ଦାମୋଦର ନାୟକ, ବୈରାଗୀ ଚରଣ ସାହୁ, ଦେବରାଜ ସାହୁ, ଲକ୍ଷ୍ମୀଧର ବାଇ, ସରପଞ୍ଚ ଲଳିତା ସାହୁ, ପ୍ରସନ୍ନ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ,୯।୩-** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ରଞ୍ଜିତ ପ୍ରଧାନ ଯୋଗଦେଇ କହିଲେ, ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଛାତ୍ରୀମାନଙ୍କୁ କେବଳ ଶାରିରୀକ ନୁହେଁ, ମାନସିକସ୍ତରରେ ମଧ ସବଳ କରିପାରିଛି। ୧୫ଦିନ ଧରି ଚାଲିଥିବା ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସରିତା ବିଶ୍ୱାଳ ଓ ଲକ୍ଷ୍ମୀପ୍ରିୟା ମିଶ୍ର ଯୋଗ ଦେଇଥିଲେ। ଶିବିରରେ ଭାଗ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିପାଇଁ ସମାଜରେ ଅନ୍ୟ ଝିଅମାନଙ୍କୁ ଉତ୍ସାହିତ କରିବା ପାଇଁ ଆତ୍ମରକ୍ଷା କୌଶଳ ଅଧିକାରୀ ଡ. ସୌମ୍ୟା ନନ୍ଦ ଆହ୍ୱାନ ଦେଇଥିଲେ। ଅଧାପିକା ସୁଜାତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ନମିତା ଦାସ ଆତ୍ମରକ୍ଷା କୌଶଳ ଶିକ୍ଷାଦାନ ସହିତ ମାନସିକ ସ୍ୱାସ୍ଥ୍ୟର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସମ୍ବିତ ସାହୁ, ଅଦ୍ୱୈତ ସାହୁ, ଚିତ୍ରାଞ୍ଜଳି ଜେନା, ଶ୍ରେୟାଶ୍ରୀ ଖୁଣ୍ଟିଆ, ସସ୍ମିତା ରାୟ, ରାଜେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ପରଲୋକ

**କଣିହାଁ, ୯।୩(ଡି.ଏନ୍.ଏ.)-**ଅନୁଗୋଳ ଜିଲା କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ହରିଚନ୍ଦନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ପ୍ରଧାନ (୫୬)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ବିଳମ୍ବିତ ରାତିରେ ପାର୍ଥିବ ଶରୀର ପୈତୃକ ଗ୍ରାମ ସାନତ୍ରିବିଡ଼ାରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ ପ୍ରମୁଖ ଯୋଗଦେଇ ଶେଷଦର୍ଶନ କରିଥିଲେ। ଜଣେ ଛାତ୍ର ବତ୍ସଳ, ପରୋପକାରୀ, ମେଳାପୀ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ତାଙ୍କ ପରଲୋକରେ ଶିକ୍ଷାନୁଷ୍ଠାନ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ସରପଞ୍ଚ ସୁଜାତା ପ୍ରଧାନ, ସମିତିସଭ୍ୟା ମିନାକ୍ଷୀ ସାହୁ, ବିଧାୟକ ବ୍ରଜକିଶୋର ପ୍ରଧାନ, ଏମ୍‌ପି ମହେଶ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



# ସିସିଟିଭି ସର୍ଭେଲାନ୍ସରେ ୮୧ କେନ୍ଦ୍ର

## ମାଟ୍ରିକ୍ ପରୀକ୍ଷା ଦେବେ ୧୬,୧୧୫

**ଢେଙ୍କାନାଳ ଅଫିସ, ୯।୩**

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହେଉଛି ସମ୍ମେଟିଭ୍ ଆସେସମେଣ୍ଟ (ଏସ୍‌ଏ-୨)। ଢେଙ୍କାନାଳ ଜିଲାର ୯୬ କେନ୍ଦ୍ରରେ ମୋଟ ୧୬,୧୧୫ ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ୧୦ ଜଣ ମଧ୍ୟମା ଏବଂ ୧୬୦ ଜଣ ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ୍ (ଏସ୍‌ଓଏସ୍‌ସି) ପରୀକ୍ଷାର୍ଥୀ ଗୋଟିଏ କେନ୍ଦ୍ରରେ ପରୀକ୍ଷା ଦେବେ। ପରୀକ୍ଷା ସୁପରିଚାଳନା ଲାଗି ଭୁବନ ବ୍ଲକରେ ୧୧, ଢେଙ୍କାନାଳରେ ୧୬, ଗଁଦିଆରେ ୧୨, ହିନ୍ଦୋଳରେ ୧୩, କାମାକ୍ଷାନଗରରେ ୧୨, କଙ୍କଡ଼ାହାଡ଼ରେ ୮, ଓଡ଼ାପଡ଼ାରେ ୧୩ ଏବଂ ପରଜଙ୍ଗ ବ୍ଲକରେ ୧୧ଟି କେନ୍ଦ୍ର କରାଯାଇଛି। ଏଥିସହ ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀଙ୍କ ପାଇଁ ଢେଙ୍କାନାଳରେ ଗୋଟିଏ କେନ୍ଦ୍ର ହୋଇଛି। ସମସ୍ତ ପ୍ରକାର ଅପ୍ରୀତିକର ସ୍ଥିତି ଏଡ଼ାଇବାକୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସିସିଟିଭି ସର୍ଭେଲାନ୍ସରେ ୮୧ କେନ୍ଦ୍ର ରହିଛି।

ଏହାକୁ ବାଦ୍‌ଦେଲେ ପ୍ରଶ୍ନ ଓ ଉତ୍ତର ପତ୍ର ରଖିବା ନିମନ୍ତେ ଭୁବନ, ଗଁଦିଆ, ହିନ୍ଦୋଳ, କାମାକ୍ଷାନଗର, ଓଡ଼ାପଡ଼ା ଓ ପରଜଙ୍ଗ ବ୍ଲକରେ ଗୋଟିଏ ଲେଖାଏ ଏବଂ ଢେଙ୍କାନାଳ ଓ କଙ୍କଡ଼ାହାଡ଼ ବ୍ଲକରେ ୨ଟି ଲେଖାଏ ସେଣ୍ଟର ହୋଇଛି। କଡ଼ା ପୋଲିସ ସୁରକ୍ଷା ବଳୟରେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ଏବଂ ଉତ୍ତର ପତ୍ର ନେବା ଆଣିବା କରାଯିବ। ଏଥିରେ ମାଜିଷ୍ଟ୍ରେଟ ମୁତୟନ ହେବେ। କପି ରୋକିବା ଲାଗି ପ୍ରତି ବିଡିଓଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଗଠନ ହୋଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ୩ଟି ଏବଂ ରାଜ୍ୟ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଜିଲାପାଳ ଓ ଏସ୍‌ପି ମଧ ଅଚାନକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବେ ବୋଲି ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି।

ପ୍ରଥମ ଦିନ ପୂର୍ବାହ୍ନ ୮ଟାରୁ ୧୦ଟା ଯାଏ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ହେବ। ଆସନ୍ତା ୨୦ ତାରିଖ ଯାଏ ପରୀକ୍ଷା ଚାଲିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

# ଶ୍ରୀ ଗଣେଶଙ୍କ ବିଗ୍ରହ ପ୍ରତିଷ୍ଠା


ଗଣେଶଙ୍କ ବିଗ୍ରହ ପ୍ରତିଷ୍ଠା।

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ସଦର ବ୍ଲକ ବାରଦା ଗ୍ରାମରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ଭବ୍ୟ ମନ୍ଦିର ଏବଂ କଳା ମୁଗୁନି ପଥରରେ ନିର୍ମିତ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଯଜ୍ଞରେ ପୁରୋଧା ଭାବେ ସମୀର ମିଶ୍ର, ଶିଶିର ମିଶ୍ର, ପୂର୍ଣ୍ଣଚନ୍ଦ୍ର ହୋତା, ସତ୍ୟଜିତ୍ ଦାଶ, ନାଗା ସନ୍ନ୍ୟାସୀ ରାଘବଦାଶ ମହାରାଜ, ଗୀତା ତତ୍ତ୍ୱବିତ୍ ହୃଷୀକେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଲଳିତ ମହାରଣା ଓ ସୁମିତ୍ରା ମହାରଣା କର୍ତ୍ତା ରହିଥିଲେ। ସଞ୍ଜୟ ମହାରଣା, ସରୋଜ ନାୟକ, ବିମଳ ପରିଡା, ପ୍ରମୋଦ ବ୍ରହ୍ମ, ଶ୍ରୀପତି ନାୟକ, ସୁବ୍ରତ ବ୍ରହ୍ମ, ରାଘବ ମହାରଣା, ମାଧବ ବେହେରା, ଗିରିଧାରୀ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାମୂହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

# ନାରୀ ଶକ୍ତି ଜାଗ୍ରତ ହେଲେ ପ୍ରକୃତ ସଶକ୍ତୀକରଣ ସମ୍ଭବ

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ଗୁରୁଦେବଜୀ ଫାଉଣ୍ଡେଶନ ମହିଳା ଶାଖା 'ଶକ୍ତିବାହିନୀ'ର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ମହିଳାଙ୍କୁ ନେଇ ସ୍ୱତନ୍ତ୍ର କବିତା ଆସର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, କବୟିତ୍ରୀ ସଂଯୁକ୍ତା ଶରଣ, ନନ୍ଦିକେଶ୍ୱରୀ ନାଥ, ଦୀପ୍ତିବାଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରଙ୍ଗୋଲି, ବକ୍ତୃତା, ପାରମ୍ପରିକ ଶାଢ଼ି ପରିଧାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ସଭାନେତ୍ରୀ ସସ୍ମିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ମୁଖ୍ୟବକ୍ତା ଜିଲା ସମାଜ ମଙ୍ଗଳ ଅଧିକାରୀ ସୌମ୍ୟା ଶତଭୀଷା, ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ରତିମା ସିହ୍ନା, ସାଗରିକା ମିଶ୍ର, ସିନର୍ଜି କଲେଜ ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ କଳ୍ପନା ସାହୁ ପ୍ରମୁଖ ଯୋଗଦେଇ କହିଲେ, ନାରୀ ହେଉଛି ଶକ୍ତିର ଉତ୍ସ। ନାରୀଶକ୍ତି ଜାଗ୍ରତ ହେଲେ ପ୍ରକୃତ ସଶକ୍ତୀକରଣ ହୋଇପାରିବ। ଶକ୍ତି ବାହିନୀର ସମ୍ପାଦିକା ଶିବାନୀ ସାମଲ ଉପସ୍ଥିତ ଥିଲେ। ସାଗରିକା ମିଶ୍ରଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ', ପ୍ରତିମା ସିହ୍ନାଙ୍କୁ 'ସୁଲକ୍ଷଣା ଦେବୀ ସ୍ମୃତି ସମ୍ମାନ', ଜୟନ୍ତୀ ବେହେରାଙ୍କୁ 'କଳ୍ପନା ଦାଶ ସମ୍ମାନ' ଓ ସାଇ ସମ୍ପନ୍ନା ପୃଷ୍ଟିଙ୍କୁ 'ଶିଶୁ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ସୌମ୍ୟବ୍ରତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ମହିଳାମାନେ।


ଢେଙ୍କାନାଳ ସହରରେ ରଙ୍ଗର ପର୍ବ ହୋଲି ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥିରେ ପ୍ରଶାସନିକ ଅଧିକାରୀ, ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ସହରବାସୀ ସାମିଲ ହୋଇଥିଲେ।

# ବିବାହ ପରେ ବରକୁ ଛାଡ଼ି କନ୍ୟା ଚମ୍ପଟ

**କଣିହାଁ, ୯।୩(ଡି.ଏନ.ଏ.)**

ସରିଥିଲା ବିବାହ। ବନ୍ଧୁବାନ୍ଧବଙ୍କ ସମ୍ମୁଖରେ ହୋମ ନିଆଁକୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ସମ୍ପର୍କ ସୂତାରେ ବାନ୍ଧି ହୋଇଥିଲେ ବର-କନ୍ୟା। ହେଲେ ଶାଶୁ ଘରକୁ ଯିବା ପୂର୍ବରୁ ଚମ୍ପଟ ମାରିଲେ ନବବଧୂ। ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳରେ ଗୁରୁବାର ଘଟିଥିବା ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ, କଣିହାଁ ଥାନା ଅଞ୍ଚଳର ସମ୍ପୃକ୍ତା କନ୍ୟାଙ୍କ ସହ ପାଲଲହଡ଼ା ଅଞ୍ଚଳର ଜଣେ ଯୁବକଙ୍କ ବିବାହ ସ୍ଥିର ହୋଇଥିଲା। ବୁଧବାର ବିବାହ ତିଥି ଧାର୍ଯ୍ୟ ହୋଇଥିବାବେଳେ ବରଯାତ୍ରୀ ରୋଶଣିରେ ଆସିଥିଲେ। ପାରମ୍ପରିକ ନିୟମ ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା। ଗୁରୁବାର କନ୍ୟାଙ୍କୁ ଶାଶୁଘରେ ଛାଡ଼ିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗାଡ଼ିରେ ସାମଗ୍ରୀ ଲଦା ହୋଇସାରିଥିଲା। ହେଲେ କନ୍ୟାଙ୍କୁ ଖୋଜିବା ବେଳକୁ ସେ ଫେରାର ହୋଇଯାଇଥିବା ଜଣାପଡ଼ିଥିଲା। ଖବର ଲେଖାଯିବା ସୁଦ୍ଧା ବର ପକ୍ଷ ସେଠାରେ ଅଟକି ରହିଛନ୍ତି। କନ୍ୟାଙ୍କ ସାନଭଉଣୀଙ୍କ ସହ ତାଙ୍କର ବିବାହ କରିବାକୁ ଯୋଜନା କରାଯାଉଛି। ଅନ୍ୟପଟେ ଏ ନେଇ ଆଇଆଇସି କିଶୋର କୁମାର ସାମଲଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସ୍କୁଲ ପରିଚାଳନା ସମିତି ଗଠିତ

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ଶିଶୁ ବିଦ୍ୟାମନ୍ଦିରରେର ନୂତନ ପରିଚାଳନା କମିଟି ଗଠନ ହୋଇଛି। ସନ୍ତୋଷ ପୃଷ୍ଟି, ବିଶ୍ୱନାଥ ବେହେରା, ମନମୋହନ ତ୍ରିପାଠୀ, ସୁଶାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସଭାପତି ଭାବେ ଦିଗନ୍ତ ଶତପଥୀ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ନିର୍ମଳ ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ଆଶୁତୋଷ ଶତପଥୀ, କୋଷାଧକ୍ଷ ରଞ୍ଜନ ନାୟକ, ସଦସ୍ୟା ସରସ୍ୱତୀ ବେହେରା, ନୟନି ସାହୁ, ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସାହୁ, ଆଚାର୍ଯ୍ୟ ପ୍ରତିନିଧି ଭାବେ ବନବିହାରୀ ପରିଡାଙ୍କୁ ଚୟନ କରାଯାଇଛି। ଶିକ୍ଷାନୁଷ୍ଠାନ ଉନ୍ନତି ଦିଗରେ ସମସ୍ତେ ସହଯୋଗ କରିବାକୁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ।

# କେରଳରୁ ଆସିଲା ଦାଦନଙ୍କ ମୃତଦେହ

**ଆଠମଲ୍ଲିକ, ୯।୩(ଡି.ଏନ୍.ଏ.)**

କେରଳର ଏର୍ନାକୁଲମ୍ ଜିଲା ଚେରାନେଲ୍ଲୁରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଆଠମଲ୍ଲିକ ଏନ୍‌ଏସି ୯ନଂ. ୱାର୍ଡ ରାମେଶ୍ୱରପାଟଣାର ପାଣ୍ଡୁ କଉଡ଼ିଙ୍କ ପୁଅ ଅଭିଲାଷ (୩୦)ଙ୍କ ମୃତ୍ୟୁ ଘଟିଥିଲା। ଜିଲା ପ୍ରଶାସନ ସହାୟତାରେ ଗୁରୁବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି। ସହକାରୀ ଜିଲାପାଳ ସୁଜିତ ଭୋଇ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏନ୍‌ଏସି ଅଧକ୍ଷା ଆଶାକୁମାରୀ ସାହୁ, ଉପାଧକ୍ଷ ଗଦାଧର ସ୍ୱାଇଁ, ସାମାଜିକ କର୍ମୀ ବିନୟ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ଅଭିଲାଷ ଦାଦନ ଖଟିବାକୁ କେରଳ ଯାଇଥିବାବେଳେ ଗତ ୧ ତାରିଖରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ମୃତଦେହ ଘରକୁ ଆଣିବା ବ୍ୟବସ୍ଥା କରିବା ପାଇଁ ବଡ଼ଭାଇ କୈଳାସ କଉଡ଼ି, ଆତ୍ମୀୟସ୍ୱଜନ, ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ ଉପଜିଲାପାଳ ତରଣୀ ସୁନାଙ୍କୁ ଅନୁରୋଧ କରିଥିଲେ। ଉପଜିଲାପାଳ ଏ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ରାଜ୍ୟ ଶ୍ରମ ବିଭାଗ, କେରଳ ରାଜ୍ୟ ଶ୍ରମ ବିଭାଗ, ସାମାଜିକ କର୍ମୀ ସତ୍ୟବ୍ରତ ଦାସଙ୍କ ପ୍ରଚେଷ୍ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ଭୁବନେଶ୍ୱର ଏୟାରଲିଫ୍ଟ ହୋଇଥିଲା। ସେଠାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ମୃତଦେହ ଗାଁରେ ପହଞ୍ଚିଥିଲା। ଶୋକାକୁଳ ପରିବେଶରେ ଅଭିଲାଷଙ୍କ ମୃତଦେହ ସଂସ୍କାର କରାଯାଇଛି।


ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଉଛି।



ଅତିଥିମାନେ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ଗଡ଼ିଲା ମାଣ୍ଡିଆ ସଚେତନତା ରଥ

**ଢେଙ୍କାନାଳ ଅଫିସ,୯।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ସିମିନଇସ୍ଥିତ ଓଡ଼ିଶା ମିଲେଟ୍ ମିଶନ ବ୍ଲକ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରୁ ଗୁରୁବାର ମାଣ୍ଡିଆ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ମିଲେଟ୍ ମିଶନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା 'ଇଡିଅଟ୍' ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ଚନ୍ଦ୍ର ତୋଷ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ମାଣ୍ଡିଆ କେଜି ପିଛା ଦର ୩୫ ଟଙ୍କା ୭୮ ରହିଛି। ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭୨ ଘଣ୍ଟା ମଧ୍ୟରେ ଦେୟ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହାର ସୁଯୋଗ ନେବାକୁ କୃଷି ଅଧିକାରୀ ନିବେଦନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ କୃଷି ଅଧିକାରୀ ବିଭୁଦତ୍ତ ସାହୁ ଏବଂ ଶିଶିର କୁମାର ଶତପଥୀ ଉପସ୍ଥିତ ଥିଲେ। 'ଇଡିଅଟ୍'ର ସଚିବ ସରୋଜ କୁମାର ଶତପଥୀ, ଓଡ଼ିଶା ମିଲେଟ ମିଶନ୍‌ର ବିପିସି ପ୍ରେମାନନ୍ଦ ଧଳ, ଏବିପିସି ରଞ୍ଜନ ସାହୁ , ସିଆର୍‌ପି ଟୁଟୁ ନାୟକ, ମାମିଲତା ମହାରଣା, ଶୁଭଶ୍ରୀ ଜେନା, ଶିଶିର ପାଣି ପରିଚାଳନା କରିଥିଲେ। ଏହି ରଥ ୪ ଦିନ ଧରି ବିଭିନ୍ନ ଗ୍ରାମ ପରିକ୍ରମ କରିବ।

# 'ଝିଅଙ୍କୁ ପ୍ରତିଷ୍ଠିତ କରାଅ'

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ବୁଧବାର ଅପରାହ୍ନରେ ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ, ପୁଅ ଓ ଝିଅ ଉଭୟେ ସମାନ। ଏହି ଚିନ୍ତନ କରି ପୁଅମାନଙ୍କ ଭଳି ଝିଅଙ୍କୁ ମଧ ସମାଜରେ ପ୍ରତିଷ୍ଠା କରାଇବା ଉଚିତ। ଦୃଢ଼ ମନୋବଳ ନେଇ ମହିଳାମାନେ ମିଳିମିଶି କାମ କଲେ ଜିଲାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ।

ଅନ୍ୟତମ ଅତିଥି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ କହିଲେ, ନାରୀ ହେଉଛନ୍ତି ଦୟା, ଧର୍ମ ଓ ସେବାର ପ୍ରତୀକ। ମହିଳାମାନେ ସଚେତନ ହେଲେ ସାମଗ୍ରିକ ବିକାଶ ସମ୍ଭବ। ଉତ୍ସବରେ ସଭାପତିତ୍ୱ କରି ଜିଲାପାଳ ସରୋଜ ସେଠୀ କହିଲେ, ରାଜ୍ୟର ଆର୍ଥିକ ବିକାଶରେ ଏସ୍‌ଏଚ୍‌ଜିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାଶ, ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ପି. ପ୍ରଭାକର ରାଓ ପ୍ରମୁଖ ଆଲୋଚନାରେ ଭାଗନେଇ ପ୍ରଗତିରେ ନାରୀ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାର ଶ୍ରେଷ୍ଠ ମହିଳା କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ସୌମ୍ୟା ଶତଭୀଷା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାଜିଚୌକ୍‌ରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରାକୁ ମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିପୂର୍ବରୁ ସରକାରୀ ପଲିଟେକ୍‌ନିକ ସମ୍ମୁଖରେ ୧୦୦ ଶଯ୍ୟା ବିଶିଷ୍ଟ ମହିଳା ନିବାସକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।


ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗରେ ଜଣେ ଗିରଫ

ଅନୁଗୋଳ ଅଫିସ,୯।୩-ଅନୁଗୋଳ ବନ୍ତଲା ଥାନା ମାଧପୁର ଅଞ୍ଚଳରେ ହୋଇଥିବା ବଧୂହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ମାଧପୁର ମାଳିସାହି ଅଞ୍ଚଳର କୁମୁଦ ଚନ୍ଦ୍ର ପ୍ରଧାନ (୩୨)। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମର ସୁଜିତ କୁମାର ସାହୁ ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ଗତ ମଙ୍ଗଳବାର କୁମୁଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ନାବାଳିକାଙ୍କୁ ଅସଦାଚରଣ, ଜଣେ ଗିରଫ

ଅନୁଗୋଳ ଅଫିସ, ୯।୩- ଅନୁଗୋଳ ସହର ଉପକଣ୍ଠରେ ଜଣେ ନାବାଳିକାଙ୍କୁ ଅସଦାରଣ କରିଥିବା ଅଭିଯୋଗରେ ହୁଲୁରିସିଂହା ଅଞ୍ଚଳର ଶିବାନନ୍ଦ ପଟ୍ଟନାୟକ(୨୦)ଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଅନୁଗୋଳ ଥାନାରେ ନଂ. ୧୨୧/୨୩ରେ ମାମଲା ରୁଜୁ ହୋଇଥିବା ବୋଲି ଥାନାଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

### ବାଣ ଜବତ, ଜଣେ ଗିରଫ

ବଇଣ୍ଡା,୯।୩(ଡି.ଏନ.ଏ.)-ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ବୁଧବାର ହଣ୍ଡପା ପୋଲିସ ଚଢ଼ାଉ କରି ଯଜ୍ଞେଶ୍ୱର ସାହୁଙ୍କ ଘରୁ ୨ ଲକ୍ଷ ଟଙ୍କାର ବାଣ ଜବତ କରିଛି। ତାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୫୯/୨୩ ରେ ଏକ ମାମଲା ରୁଜୁ ହୋଇଛି। ସୋଲଣ୍ଡା ଗ୍ରାମରେ ଯଜ୍ଞେଶ୍ୱର ବେଆଇନ ଭାବେ ବାଣ ବିକ୍ରି କରୁଥିବାବେଳେ ସୂଚନା ପାଇ ଆଇଆଇସି ନମିତା ନାୟକ ସଦଳବଳ ଚଢ଼ାଉ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ମ୍ୟାନେଜର ଗୁରୁତର

ଛେଣ୍ଡିପଦା,୯।୩(ସ୍ୱ.ପ୍ର)- ଅନୁଗୋଳ ଜିଲା ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ଛେଣ୍ଡିପଦା ନର୍ସରି ନିକଟ ଶୂନଭୂଇଁ ବୁଲାଣିରେ ବୁଧବାର ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ତଥା ଛେଣ୍ଡିପଦା ଆଇସିଆଇସିଆଇ ବ୍ୟାଙ୍କ ଶାଖା ପରିଚାଳକ ସ୍ୱପ୍ନିଲ ମହାନ୍ତି ଗୁରୁତର ହୋଇଛନ୍ତି। ସେ ବାଇକରେ ଜରପଡାରୁ ଛେଣ୍ଡିପଦା ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଛେଣ୍ଡିପଦା ବିକାଶ ସମିତି ସଭ୍ୟମାନେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

# ସମ୍ବର୍ଦ୍ଧିତ ହେଲେ ପ୍ରେରଣାଦାୟୀ ମହିଳା


ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କ୍ୟାମ୍ପସ୍ ପରିସରରେ ଉପସ୍ଥିତ ମହିଳାମାନେ।

**ଜେଏସ୍‌ପିରେ ଅନ୍ତର୍ଜାତୀୟ ମହିଳା ଦିବସ**

ଅନୁଗୋଳ ଅଫିସ,୯।୩

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଏବଂ ଏହାର ସାମାଜିକ ଦାୟିତ୍ୱବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସପି ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କ୍ୟାମ୍ପସ୍ ପରିସରରେ କର୍ମଜୀବୀ ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ପ୍ରେରଣାଦାୟୀ ମହିଳା, କିଶୋରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଲେ, ମହିଳାଙ୍କ ବିନା ଖୁସିର ମୁହୂର୍ତ୍ତ ଅଧୁରା। ମହିଳା ହେଉଛନ୍ତି ସତ୍ୟତାର ପ୍ରତିବିମ୍ବ ଏବଂ କରୁଣାମୟୀ। ପ୍ରକୃତି ମା'କୁ ଭଲ ପାଇବା ସହ ଅନ୍ତର୍ଜାତୀୟ ମହିଳା ଦିବସକୁ ନୈତିକତାର ସହ ପାଳନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା, ଘରୋଇ ହିଂସା, ବାଲ୍ୟବିବାହ, ସାଇବର କ୍ରାଇମ୍ ରୋକିବା ଉପରେ ବହୁମୂଲ୍ୟ ପରାମର୍ଶ ଦିଆଯାଇଥିଲା। ମହିଳା ଗୋଷ୍ଠୀ ସଦସ୍ୟ, ଛାତ୍ରୀ, ଯାଞ୍ଚ କମିଟି ସଦସ୍ୟ ଏବଂ ମାତୃ କମିଟି ସଦସ୍ୟା ଉପସ୍ଥିତ ଥିଲେ।

ଅନୁରୂପ ଭାବେ ଜେଏସପିର ପୁନର୍ବାସ ଏବଂ ଥଇଥାନ କଲୋନୀସ୍ଥିତ ଜନଜୀବିକା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିନ୍ଦଲ ମହିଳା ସମିତି ସଭାନେତ୍ରୀ ସୁଜାତା ସରୋଗୀ, ଉପ ସଭାନେତ୍ରୀ ଅନିତା ମିତ୍ତଲ, ଜିଲା ସଖୀ କାଉନସିଲର ପାୟଲ ମିଶ୍ର ଯୋଗଦେଇଥିଲେ। ଆନେମିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ କିଶୋରୀ ଏକ୍ସପ୍ରେସ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଜେଏସ୍‌ପି ଫାଉଣ୍ଡେଶନର ମନ୍ଦାକିନୀ ନାଏକ ଏବଂ ସୁପ୍ରଭା ଭୋଇଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ 'ସ୍ୱୟଂପ୍ରଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଇଭିପି ଏଚ୍‌ଆର ରବିଶଙ୍କର, ଜିଏମ-ସିଏସଆର ପୁଷ୍ପଲତା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ୯୪ କେନ୍ଦ୍ର, ୧୭,୧୯୭ ପରୀକ୍ଷାର୍ଥୀ

ଅନୁଗୋଳ ଅଫିସ, ୯।୩

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଅନୁଗୋଳ ଜିଲାର ୯୪ କେନ୍ଦ୍ରରେ ମୋଟ ୧୭,୧୯୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ତନ୍ମଧ୍ୟରେ ୧୬,୩୩୮ ରେଗୁଲାର, ଏକ୍ସ-ରେଗୁଲାର ଓ ପତ୍ର ବିନିମୟ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ୮୩୦ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨୯ ଜଣ ମାଧ୍ୟମା ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ପରୀକ୍ଷା କେନ୍ଦ୍ର ପରିଚାଳନା ପାଇଁ ୧,୪୫୦ ପରୀକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ସେମାନଙ୍କ ମଧ୍ୟରେ ୯୪ ଜଣ ସୁପରିଟେଣ୍ଡେଣ୍ଟ ଅଛନ୍ତି। ସମ୍ବେଦନଶୀଳ ଭାବେ ଚିହ୍ନଟ ୧୫ ପରୀକ୍ଷାକେନ୍ଦ୍ରରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୮ ବ୍ଲକର ସଦର ମହକୁମାରେ ଷ୍ଟ୍ରଙ୍ଗରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି। ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୧୮ଟି ଡେସ୍‌ପାଚ୍ ଟିମ୍ ଗଢ଼ାଯାଇଛି। କପି ରୋକିବାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବୋର୍ଡର ଏକ ସ୍କ୍ୱାଡ୍, ଜିଲା ଶିକ୍ଷା ବିଭାଗର ୨ଟି ଫ୍ଲାଇଂ ସ୍କ୍ୱାଡ୍ ଓ ଜିଲା ପ୍ରଶାସନର ଏକ ଟିମ୍ ପରୀକ୍ଷା କେନ୍ଦ୍ର ତଦାରଖ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ସମ୍ମେଟିଭ-୧ ପରୀକ୍ଷା ବେଳେ ୯୧ଟି ପରୀକ୍ଷାକେନ୍ଦ୍ର କରାଯାଇଥିଲା। ସମ୍ମେଟିଭ୍-୨ରେ ଏହାକୁ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ରଙ୍କ ଗମନାଗମନ ସମସ୍ୟା ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଛେଣ୍ଡିପଦା ବ୍ଲକରେ ୧୩ଟି ପରୀକ୍ଷା କେନ୍ଦ୍ରରେ ୪୨ଟି ହାଇସ୍କୁଲର ୨,୪୩୨ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି। ନିର୍ଦ୍ଧାରିତ ସମୟରେ ପରୀକ୍ଷାକେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ଭିକାରୀବନ୍ଧୁ ସାହୁ, ମୁରଲୀଧର ବେହେରା, ଆଶିଷ ବେହେରା, ଚକ୍ରଧର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ବ୍ଲକର ନୋଡାଲ ସେଣ୍ଟର ଅଧିକାରୀ ଭାବେ କମଳିନୀ ପ୍ରଧାନ ଦାୟିତ୍ୱରେ ରହିବେ। ନୋଡାଲ ସେଣ୍ଟର ଅଧିକାରୀ ଭାବେ ପ୍ରଶାନ୍ତ କୁମାର ସେଠୀ ଓ ଅତିରିକ୍ତ ନୋଡାଲ ସେଣ୍ଟର ଅଧିକାରୀ ବାପୁଜୀ ମୋହନ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି।

# ଭତ୍ତା ଅପେକ୍ଷାରେ ବିତିଲାଣି ୧୨ ବର୍ଷ

**ଅରକ୍ଷିତଙ୍କ ଦୁଃଖ ବୁଝୁନି ପ୍ରଶାସନ**

ବଇଣ୍ଡା, ୯।୩(ଡି.ଏନ.ଏ.)



ବୟସ ୭୩ ଛୁଇଁଲାଣି। ଭତ୍ତା ତାଲିକାରେ ସାମିଲ ହେବାକୁ ସମସ୍ତ ଯୋଗ୍ୟତା ରହିଛି। ଏଥିଲାଗି ଆବେଦନ କରି କରି ଥକି ପଡ଼ିଥିଲେ ମଧ୍ୟ ଦୀର୍ଘ ୧୨ ବର୍ଷ ହେଲା ଅପେକ୍ଷାରେ ଅନ୍ତ ହେଉନାହିଁ। ଫଳରେ ଅତି ଦୟନୀୟ ସ୍ଥିତିରେ ଦିନ କାଟୁଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ଠେଲକନାଳି ପଞ୍ଚାୟତ ଠେଲକନାଳି ଗ୍ରାମର ଅରକ୍ଷିତ ଦେହୁରୀ। ସବୁଆଡୁ ନିରାଶ ହେବା ପରେ ସେ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅରକ୍ଷିତ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୫୦ରେ ସେ ଜନ୍ମଗ୍ରହଣ କରିଥିଲେ। ୨୦୧୧ ପୂର୍ବରୁ ସେ ନାକିଚି ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ପାଇଁ ଆବେଦନ କରିଥିଲେ। ହେଲେ ପଞ୍ଚାୟତ ପୁନର୍ଗଠନ ପରେ ଠେଲକନାଳି ପଞ୍ଚାୟତ ମାନ୍ୟତା ପାଇଥିଲା। ଏହାପରେ ସେ ପୁନର୍ବାର ଭତ୍ତା ପାଇଁ ଆବେଦନ କରିଥିଲେ। ବିଭିନ୍ନ ସମୟରେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଥିଲେ ମଧ୍ୟ ତାଙ୍କ ଭତ୍ତା ତାଲିକାଭୁକ୍ତ କରାଯାଉନାହିଁ। ପରିଣତର ବୟସରେ ତାଙ୍କ ଆଖିକୁ ଠିକ୍ ଭାବେ ଦେଖାଯାଉ ନ ଥିବାରୁ ସେ ଅନ୍ୟ ଉପରେ ନିର୍ଭର କରୁଛନ୍ତି। ତେଣୁ ତାଙ୍କୁ ଭତ୍ତା ଯୋଗାଇ ଦେବା ପାଇଁ ସେ ଜିଲାପାଳଙ୍କୁ ଆକୁଳ ନିବେଦନ କରିଛନ୍ତି। ଏ ନେଇ ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ଅରକ୍ଷିତଙ୍କୁ ଭତ୍ତା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯିବ।

# ଅନୁକୂଳଚନ୍ଦ୍ରଙ୍କ ଆର୍ବିଭାବ ମହା ମହୋତ୍ସବ

କଣିହାଁ,୯।୩(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆର୍ବିଭାବ ମହାମହୋତ୍ସବ ଓ ରେଙ୍ଗାଳି ସତସଙ୍ଗ ବିହାରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ନହବତ, ଉଷା କୀର୍ତ୍ତନ, ସମବେତ ପ୍ରାର୍ଥନା ସହ ଅପରାହ୍ନରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗୁରୁ ଭାଇ ଓ ମା'ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରାରେ ଠାକୁରଙ୍କ ରଥକୁ ନଗରପରିକ୍ରମା କରାଯାଇ ସନ୍ଧ୍ୟାରେ ମନ୍ଦିରଠାରେ ପହଞ୍ଚିଥିଲେ। ରାତି ୭ଘଟିକାରେ ସତସଙ୍ଗ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସହପ୍ରତି ରିତିକ (ସତସଙ୍ଗ ପରିଚାଳନା) କୁମୁଦ ଚନ୍ଦ୍ର ପ୍ରଧାନ, ଯାଜକ ଲମ୍ବୋଦର ପ୍ରଧାନ, ପ୍ରଭାକର ସ୍ୱାଇଁ, ଅନୁଗୋଳ ବ୍ଲକ ତାମଡା ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ରାଜକିଶୋର ନାଏକ ପ୍ରମୁଖ ଯୋଗ ଦେଇଥିଲେ। କଣିହାଁ, ସମଲ, ଖମାର, ଦେବଗଡ଼ ଆଦି ସ୍ଥାନରୁ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯାଇଥିଲା।

# ବ୍ରାଉନସୁଗାର ଜବତ, ୨ ଗିରଫ

ଅନୁଗୋଳ ଅଫିସ,୯।୩




ଅନୁଗୋଳ ଜିଲା କୋଲିୟାରୀ ଥାନା ପୋଲିସ ବାଘୁଆବୋଲ ଦେଉଳବେଡ଼ା ଅଞ୍ଚଳରେ ଚଢ଼ାଉ କରି ଏକ କାରରୁ ୮୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ବାଘୁଆବୋଲ ଅଙ୍ଗାରୁଆ ସାହିର ପ୍ରଶାନ୍ତ କୁମାର ସାହୁ (୩୮)ଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ବ୍ରାଉନସୁଗାର ଯୋଗାଉଥିବା ବିହାରୀ ବ୍ୟବସାୟୀ ଘଟଣାସ୍ଥଳରୁ ଖସି ପଳାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବିହାର ମୋଗଲସରାଇ ଅଞ୍ଚଳର ଜଣେ ବ୍ୟବସାୟୀ ତାଳଚେର ଅଞ୍ଚଳକୁ ବ୍ରାଉନସୁଗାର ଯୋଗାଉଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ପୋଲିସ ନାକାବନ୍ଦୀ କରି ଯାଞ୍ଚ କରୁଥିବାବେଳେ ସନ୍ଦେହଜନକ ଅବସ୍ଥାରେ ଆସୁଥିବା ଏକ କାର୍‌କୁ ଅଟକାଇଥିଲା। ତଲାସୀ ବେଳେ ଗାଡ଼ିରୁ ବ୍ରାଉନ୍‌ସୁଗାର ବାହାରିଥିଲା। ଜେରାବେଳେ ପ୍ରଶାନ୍ତ ବ୍ରାଉନସୁଗାର ବ୍ୟବସାୟ କରୁଥିବା ସ୍ୱୀକାର କରିଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତାଳଚେର ତହସିଲଦାର ଉପସ୍ଥିତ ଥିଲେ। ପୋଲିସ ନଂ. ୧୩୫/୨୩ରେ ମାମଲା ରୁଜୁ କରିଛି। ସେହିପରି ଦେଉଳବେଡ଼ା ଅଞ୍ଚଳରେ ବ୍ରାଉନସୁଗାର ଓ ଗଞ୍ଜେଇ ବ୍ୟବସାୟ କରୁଥିବା ମାମଲାରେ ବୁଧବାର ପୋଲିସ ସେକ୍ କୁରବାନ୍ ଅଲ୍ଲୀ (୩୨ଙ୍କୁ ଗିରଫ କରିଛି। ଏ ନେଇ ନଂ. ୬୮୧/୨୨ରେ ମାମଲା ରୁଜୁ ହୋଇଛି।

# ବରିଷ୍ଠଙ୍କୁ ମିଳୁନି ସେବା

ଅନୁଗୋଳ ଅଫିସ,୯।୩

ଅନୁଗୋଳ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସଭାପତି ସୁବାସ ଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ, ପରିବହନ, ବ୍ୟାଙ୍କ ଏବଂ ରେଲୱେ କ୍ଷେତ୍ରରେ ବରିଷ୍ଠମାନେ ଠିକ୍ ଭାବେ ସେବା ପାଇପାରୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରାଯିବା ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଧାୟକଙ୍କୁ ନିବେଦନ କରାଯାଇଛି। ରାଜ୍ୟର ବିଭିନ୍ନ ବରିଷ୍ଠ ନାଗରିକ ମଞ୍ଚକୁ ନେଇ ଅନୁଗୋଳଠାରେ ଏକ ବିରାଟ ସମ୍ମିଳନୀ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଉକ୍ତ ସମ୍ମିଳନୀରେ ବରିଷ୍ଠ ନାଗରିକମାନଙ୍କ ସର୍ବାଙ୍ଗୀନ ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ ସୂଚନା ଦେଇଛନ୍ତି।



କାର୍ଯକ୍ରମରେ ଉପସ୍ଥିତ ଅତିଥିମାନେ।

### ଯୁବତୀଙ୍କୁ ମାଡ଼ ଅଭିଯୋଗ: ଜଣେ ଗିରଫ

ବଇଣ୍ଡା,୯।୩(ଡି.ଏନ.ଏ.)

ହଣ୍ଡପା ଥାନା ଅଞ୍ଚଳର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ନୁନୁକାପଶି ଗ୍ରାମର ବିଶୁ ପ୍ରଧାନ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ବୁଧବାର ଅଭିଯୋଗ ହୋଇଛି। ସମ୍ପୃକ୍ତା ଯୁବତୀ ଏକାକୀ ଥିବାବେଳେ ବିଶୁ ଜବରଦସ୍ତ ଘରେ ପଶି ବିନା କାରଣରେ ମାଡ଼ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୫୮/୨୩ ରେ ଏକ ମାମଲା ରୁଜୁ କରିଛି।

# ଇସ୍କନରେ ଗୌରପୂର୍ଣ୍ଣିମା

ଅନୁଗୋଳ ଅଫିସ୍, ୯।୩



ଅନୁଗୋଳ ଇସ୍କନ୍ ପରିସରରେ ମହାଆଡମ୍ବରରେ ଗୌର ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଗ୍ରହଙ୍କୁ ନୂତନ ବସ୍ତ୍ର, ପୁଷ୍ପରେ ସୁନ୍ଦର ଭାବେ ସଜାଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସକାଳ ସାଢ଼େ ୭ଟାରେ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଖଣ୍ଡ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। ଅପରାହ୍ନ ୪ଟାରୁ ସାଢ଼େ ୫ଟା ଯାଏ ବ୍ରହ୍ମଚାରୀ ଶ୍ୟାମକୃପା ଦାସ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ ପ୍ରସଙ୍ଗରେ ପ୍ରବଚନ ଦେଇଥିଲେ। ଏହା ପରେ ଗୌର ନିତାଇଙ୍କ ମହାଭିଷେକ କରାଯାଇଥିଲା। ଏହି ଉପଲକ୍ଷେ ଗୌରାଙ୍ଗ ମହାପ୍ରଭୁଙ୍କ ଜନ୍ମଲୀଳା ଉପରେ ନାଟକ ପରିବେଷଣ କରିଥିଲେ। ଏହାପରେ ସନ୍ଧ୍ୟା ଆଳତି, ଛପନ ଭୋଗ ଅର୍ପଣ କରାଯାଇଥିଲା। ଅବିର ଖେଳ ପରେ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ମୁଖ୍ୟ ପରିଚାଳକ ପୁରୁଷୋତ୍ତମ ଦାସଙ୍କ ସମେତ ସମସ୍ତ ଭକ୍ତବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତାର ଶପଥ ନେଲେ କର୍ମଚାରୀ




**ନବୀନ ଜିନ୍ଦଲଙ୍କ ଜୟନ୍ତୀ ପାଳିତ**

ଅନୁଗୋଳ ଅଫିସ, ୯।୩

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) କମ୍ପାନୀରେ ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଫିଟ୍‌ନେସ୍ ସମ୍ପର୍କିତ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କର୍ମଚାରୀମାନେ ସ୍ୱାସ୍ଥ୍ୟ ସଚେତନତାର ଶପଥ ନେଇଥିଲେ।

ଜେଏସ୍‌ପିର ସାମାଜିକ ଦାୟିତ୍ୱବୋଧ ଶାଖା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଜିନ୍ଦଲ ନଗର ପରିସରରେ ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଗା ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ଜେଏସପିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନେଶ କୁମାର ସରୋଗୀ, ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶର ଝା, ଦାମୋଦର ମିତ୍ତଲଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ମରାଡିରା ଗ୍ରାମଠାରେ ଏକ ମୁକ୍ତାକାଶ ବ୍ୟାୟାମଶାଳାକୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଏବଂ କମ୍ପାନୀର ଭିପି ଏସ.କେ. ଶର୍ମା ଉଦ୍‌ଘାଟନ କରିଥିଲେ। ଅନୁଗୋଳ ଜିଲା ଚିକିତ୍ସାଳୟ ସମେତ ବିଭିନ୍ନ ସ୍ଥାନରେ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଡିଏମଓ ତ୍ରିଲୋଚନ ପ୍ରଧାନ ଉପସ୍ଥିତ ଥିଲେ। ଆଦୃତା ଶିଶୁଗୃହଠାରେ ହୋମିଓପାଥିକ ଚିକିତ୍ସା ଶିବିର ଆୟୋଜନ କରଯାଇଥିଲା। ଜିନ୍ଦଲ ମହିଳା ସମିତି ସଭାନେତ୍ରୀ ସୁଜାତା ସରୋଗୀ, ଉପ ସଭାନେତ୍ରୀ ଅନିତା ମିତ୍ତଲ ପ୍ରମୁଖଙ୍କ ଉପସ୍ଥିତିରେ ଜିନ୍ଦଲ ନଗରସ୍ଥିତ ଦେବଭୂମି ମନ୍ଦିରଠାରେ ସ୍ୱତନ୍ତ୍ର ପୂଜା ଆୟୋଜନ କରାଯିବା ସହ କେକ୍ କଟାଯାଇଥିଲା। ଇଭିପି-ଏଚଆର ଯୋଶେଫ ପେରିସ, ଇଭିପି-ଏଚ୍‌ଆର ରବି ଶଙ୍କର, ଇଭିପି-ଏଚ୍‌ଆର ଏବଂ ଜିଏମ୍-ସିଏସ୍‌ଆର ପୁଷ୍ପଲତା ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀ ସାମିଲ ହୋଇଥିଲେ।

# ଶାନ୍ତିଶୃଙ୍ଖଳାରେ ସରିଲା ଦୋଳଯାତ୍ରା

ବଇଣ୍ଡା/ତାଳଚେର (ଡି.ଏନ.ଏ./ନି.ପ୍ର.), ୯।୩

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ଦୋଳଯାତ୍ରା ସମ୍ପନ୍ନ ହୋଇଛି। କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହ ଦୋଳ ଏବଂ ହୋଲି ଉତ୍ସବ ପାଳିତ ହୋଇଯାଇଛି। ବଇଣ୍ଡାରେ ପ୍ରଭୁ ରାଧାକୃଷ୍ଣ ଚଳନ୍ତି ବିଗ୍ରହକୁ ପଟୁଆରେ ନଗର ପରିକ୍ରମା କରାଯାଇଥିଲା। ବଇଣ୍ଡା ଛକଠାରେ ପୂଜା କରାଯାଇ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ଚନ୍ଦନ ପୋଖରୀରେ ସ୍ନାନ ପରେ ମନ୍ଦିର ପ୍ରବେଶ କରାଯାଇଥିଲା। ଅନୁରୂପ ଭାବେ ହଣ୍ଡପା, ସାନଗୋବିନ୍ଦପୁର ଗ୍ରାମରେ ଦୋଳଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଜା, ବାଣ, ଡିଜେ ସାଉଣ୍ଡର ତାଳେତାଳେ ଠାକୁରଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଅଞ୍ଚଳବାସୀ ଏଥିରେ ସହାୟତା କରିଥିଲେ।

ସେହିପରି ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ମଝିକା ଗ୍ରାମର ଓଡ଼ିଶୀ, କଳମଛୁଇଁ ଓ ବାଉଁଶଗାଡିଆ ସାହିର ସଂକୀର୍ତ୍ତନମଣ୍ଡଳୀ ଏବଂ ଛେଣ୍ଡିପଦାରେ ଲଉଡ଼ି ଖେଳ ଆକର୍ଷଣୀୟ ସାଜିଥିଲା। ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମେଳଣ ପଡିଆରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଦୁଇ ଦିନ ଧରି ମେଲୋଡି ଓ ଅପେରା ପରିବେଷଣ କରାଯାଇଥିଲା। ଗ୍ରାମ ସଭାପତି ତୀର୍ଥବାସୀ ପ୍ରଧାନ, ସମ୍ପାଦକ ଯୁଗଳକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ତାଳଚେରରେ ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।


ବଇଣ୍ଡାରେ ରାଧାକୃଷ୍ଣଙ୍କୁ ବିମାନରେ ନଗର ପରିକ୍ରମା କରାଯାଉଛି।

